ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ୧୩ ଫେବୃୟାରୀ, ୨୦୧୯



## ସଂକ୍ଷେପରେ



### ଭାଜପା ଶକ୍ତି କେନ୍ଦ୍ରର ବୈଠକ

**ନବରଙ୍ଗପୁର,୧୨।୨(ବି.ପ୍ର.):** ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଭାଜପା କାର୍ଯ୍ୟାଳୟ ଠାରେ ବଡମସିଗାଁ ଓ ବିକ୍ରମପୁର ଶକ୍ତି କେନ୍ଦ୍ରର ଏକବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲା ସାଧାରଣ ସମ୍ପାଦକ ଜଗଦିଶ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିକ୍ରମପୁର ମଣ୍ଡଳ ସଭାପତି କାଶିନାଥ ଦାଶ, ବଡମସିଗାଁ ମଣ୍ଡଳ ସଭାପତି ସୁତମ ଭତ୍ରା, ସାଧାରଣ ସମ୍ପାଦକ ଭୀମ ସମରଥ, ଶକ୍ତି କେନ୍ଦ୍ର ପ୍ରମୁଖ ସନ୍ତୋଷ ଭତ୍ରା, ଅଗ୍ନିପୁର ଗାଁର ଅର୍ଜୁନ ସମରଥ,ବାଘସିଉନି ଗାଁର ପ୍ରହଲ୍ଲାଦ ନାୟକ, ବଡକୁମୁଲିର ହସ୍ୟ ନାୟକ, ମନ୍ତ୍ରୀଗୁଡାର ଭୀମ ବିଷୋୟୀ, ତାରାଗାଁର ପଦ୍ମନ ବିଷୋୟୀ, ପୂଜାରିଗୁଡା ଗାଁର ପର୍ଶୁରାମ ସାହାଣୀ, ସିନ୍ଧିଗାଁର ବଂଶିଧର ଥାଟ ମାଝୀ, ବଡମସିଗାଁର ପଦ୍ମନ ପୂଜାରୀ, ବାସିନି ଗାଁର ପରମାନନ୍ଦ ଭତ୍ରା, ବାସୁଦେବ ଭତ୍ରା, ସାନ ମସିଗାଁର ମନ ପୂଜାରୀ, ଇଶ୍ୱର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ଭୋଟର କିଭଳି ଭାଜପା ପ୍ରତି ଆକୃଷ୍ଟ ହେବେ । କେନ୍ଦ୍ର ସରକାରଙ୍କ ଜନଜୀତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଏବଂ ଭାଜପାର ଆଗାମୀ କାର୍ଯ୍ୟକ୍ରମ ପନ୍ଥା ଉପରେ ଆଲୋଚନା ହୋଇଥିଲା ।

### ଉଜ୍ଜ୍ୱଳା, ଉତ୍‌ଥାନ କର୍ମଶାଳା

**ନବରଙ୍ଗପୁର,୧୨।୨(ଡି.ଏନ.ଏ.):** ନବରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଉଜ୍ଜ୍ୱଳା ଓ ଉତଥାନ କର୍ମଶାଳା ଗତ ୬ ତାରିଖରୁ ଅନୁଷ୍ଠିତ ହୋଇ ଆସୁଛି । ଆଗାମୀ ଶିକ୍ଷା ବର୍ଷ ନିମନ୍ତେ ଶିକ୍ଷା ପ୍ରଶିକ୍ଷଣ ପ୍ରକ୍ରିୟାକୁ ଉନ୍ନତ କରିବା, ଉନ୍ନତ ପଦ୍ଧତି ଅବଲମ୍ବନ କରିବା ପାଇଁ ଏହି ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ଓଡିଶା ଆଦର୍ଶ ବିଦ୍ୟାଳୟ, ଚାମୁରିଆଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି । ବ୍ଲକର ୫୫୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସି, ଏବିଇଓଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି ।

### ଦୁର୍ଘଟଣାରେ ଛାତ୍ର ଗୁରୁତର

ପାପଡାହାଣ୍ଡି,୧୨।୨(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ରୋଜାମାଟୁ ବିଦ୍ୟାଳୟର ଛାତ୍ର ମୁରଲୀ ଯାନୀ (୭) ମଙ୍ଗଳବାର ଏକ ପିକଅପ ଭ୍ୟାନ ଧକ୍କାରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମଧ୍ୟାହ୍ନରେ ମୁରଲୀ ବିଦ୍ୟାଳୟରୁ ଘରକୁ ଯିବା ସମୟରେ ପିକଅପ ଭ୍ୟାନ (ନଂ.ଓଆର୨୪ବି୫୯୩୮) ଧକ୍କା ଦେଇଥିଲା। ଏଥିରେ ତାଙ୍କର ଡାହାଣ ଗୋଡ ଭାଙ୍ଗି ଯାଇଥିଲା ।

# ଆନ୍ଧ୍ରରୁ ୧୫ ଦାଦନ ଶ୍ରମିକ ଉଦ୍ଧାର

## ସେମାନଙ୍କ ମଧ୍ୟରେ ଅଛନ୍ତି ୭ ନାବାଳିକା ଓ ଜଣେ ନାବାଳକ

**ନବରଙ୍ଗପୁର,୧୨।୨(ବି.ପ୍ର.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧିନ ପାରିଆବେଡା ଗାଁର ୧୫ ଜଣ ଦାଦନ ଶ୍ରମିକଙ୍କୁ ଆନ୍ଧ୍ର ପ୍ରଦେଶରୁ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଘଟଣାରେ ଗଜେନ୍ଦ୍ର ନାୟକଙ୍କୁ ଡାବୁଗାଁ ପୋଲିସ ଅଟକ ରଖି ପଚରାଉଚରା କରିବା ସହ ଥାନାରେ ନଂ.୧୪/୧୯ ଏକ ମାମଲା ରୁଜୁ କରିଛି। ତେବେ ଜଣେ ନାବାଳିକାଙ୍କ ଉଦ୍ୟମ କ୍ରମେ ସମସ୍ତେ ଉଦ୍ଧାର ହେବାରେ ସହାୟକ ହୋଇପାରିଛନ୍ତି ବୋଲି ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ବିଜୟ କୁମାର ଚୌଧୁରୀ କହିଛନ୍ତି।

କଳାହାଣ୍ଡି ଜିଲା ଗୁଲିପାଟଣା ଗାଁର ଗଜେନ୍ଦ୍ର ନାୟକ ଜାନୁୟାରୀ ୨୭ ତାରିଖରେ ନିଜର ୨୫ ଏକର ଜମି ରହିଛି। ଜମିରେ କାମ କରାଇବାକୁ ୭ ଜଣ ନାବାଳିକା, ଜଣେ ନାବାଳକ ସମେତ ୧୫ ଜଣଙ୍କୁ ଏକ ଅଟୋରେ ଧର୍ମଗଡ ନେଇଥିଲେ। ପରେ ଗୁଲିପାଟଣାରେ ରଖି ତା' ପର ଦିନ ଭବାନୀପାଟଣା ଆଣିଥିଲେ। ସେଠାରୁ ୪୦ କିଲୋମିଟର ଦୂର କହି ଟ୍ରେନରେ ବସାଇ ସମସ୍ତଙ୍କୁ ଆନ୍ଧ୍ରପ୍ରଦେଶର ବିଜୟନଗର ଷ୍ଟେସନରେ ଓହ୍ଲାଇଥିଲେ। ସେଠାରୁ ପୁଣି ଅନ୍ୟ ଏକ ଟ୍ରେନରେ ୫ ମିନିଟର ରାସ୍ତା କହି ଚଡାବରମ ଥାନା ଅଧିନ ଗବରାବରମ ପହଞ୍ଚାଇଥିଲେ । ସେଠାରେ ଭେଙ୍କେଟ ରାଓ ଇଟା ଭାଟି ମାଲିକ ଅଟୋ ପଠାଇ ଭାଟିକୁ ନେଇଥିଲେ। ସେଠାରେ ଇଟା ଗଢା କାର୍ଯ୍ୟରେ ସମସ୍ତ ୧୫ ଜଣ ଶ୍ରମିକଙ୍କୁ ଲଗାଇଥିଲେ । ଦୈନିକ ୪ ଶହ ଟଙ୍କା ମଜୁରି ଦେବାକୁ କହିଥିଲେ । ତେବେ ଇଟାଭାଟି ମାଲିକ ଖାଇବାକୁ ରାଶନ ଦେଉଥିଲେ କିନ୍ତୁ ମଜୁରୀ ଦେଇ ନଥିଲେ।

ମଜୁରୀ ମାଗିଲେ ଗଜେନ୍ଦ୍ର ଟଙ୍କା ନେଇ ଯାଇଛି ବୋଲି ଇଟା ଭାଟି ମାଲିକ କହିଥିଲେ । ସେଠାରେ ହାଡଭଙ୍ଗା ପରିଶ୍ରମ ସହ ମଜୁରୀ ନମିଳିବାରୁ ଜଣେ ନାବାଳିକା ଗାଁର ସମ୍ପର୍କୀୟ ସୁକାନ୍ତ ନାୟକଙ୍କ ମୋବାଇଲରେ ଯୋଗାଯୋଗ କରି ସମସ୍ତ ଘଟଣା ଜଣାଇଥଲେ । ଗବରାବରମ ଇଟାଭାଟିକୁ ସୁକାନ୍ତ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଗାଁରେ ସମସ୍ତ ଘଟଣା ଆସି କହିଥିଲେ । ଏନେଇ ଡାବୁଗାଁ ଥାନାରେ ଓ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଡାବୁଗାଁ ଥାନା ଅଧିକାରୀ ହିମାଂଶୁ ଭୂଷଣ ବେହେରା, ଏସଆଇ ରାଧାକାନ୍ତ ବାରିକ, ଏଏସଆଇ ଗଣେଶ ପଟ୍ଟନାୟକ, ଶ୍ରମ ନିରିକ୍ଷକ ବୁଲୁ ଶ୍ରୀହରି ଓ ପାରିଆବେଡା ଗାଁର ହେମଦାଶ ମେହେର, ମୁକୁନ୍ଦ ଭତ୍ରା, ସୋମନ ପରଜା, ଶ୍ୟାମ ପରଜା ଓ ସୁକାନ୍ତ ପ୍ରମୁଖ ଚଡାବରମ ପୋଲିସ ସହଯୋଗରେ ଇଟାଭାଟିରେ ପହଞ୍ଚି ୧୫ ଜଣଙ୍କୁ ସୋମବାର ଉଦ୍ଧାର କରିବା ସହ ଗଜେନ୍ଦ୍ରଙ୍କୁ ମଧ୍ୟ ସାଥିରେ ନବରଙ୍ଗପୁର ଆଣିଥିଲେ । ପରେ ୭ ଜଣ ନାବାଳିକା ଓ ଜଣେ ନାବାଳକଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରାଯାଇଥିଲା । କାଉନସିଲିଂ ପରେ ପରିବାର ଲୋକଙ୍କ ସହ ସେମାନଙ୍କୁ ଛାଡି ଦିଆ ଯାଇଥିଲା । କାଉନସିଲିଂ ସମୟରେ ସିଡବ୍ଲୁସିର ସଭ୍ୟା ଜେମାମଣୀ ବିଶୋୟୀ, ରମେଶ ଚନ୍ଦ୍ର ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଚାଇଲ୍ଡ ଲାଇନର ରବିନ୍ଦ୍ର ପ୍ରଧାନ, ଜିଲା ଶ୍ରମ ଅଧିକାରୀ ନରେନ୍ଦ କୁମାର ଗାଇପାଇ ଉପସ୍ଥିତ ଥିଲେ। ଏନେଇ ପୋଲିସ ସମସ୍ତଙ୍କ ଡାକ୍ତରୀ ପରୀକ୍ଷା କରାଇ ଘରକୁ ଯିବାକୁ ଅନୁମତି ଦେଇଥିଲା । ଯେଉଁ ନାବାଳିକା ଓ ନାବାଳକ ମାନେ କୌଶଳ ଶିକ୍ଷା ପାଇଁ ଚାହୁଁଛନ୍ତି ସେମାନେ ଆବେଦନ କଲେ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପରାମର୍ଶ ଦିଆଯାଇଥିଲା ।




# ନବରଙ୍ଗପୁର ଜିଲାକୁ ପଲିଥିନ ମୁକ୍ତ କରାଯାଉ



ଉମରକୋଟ ନୂଆବସଷ୍ଟାଣ୍ଡଠାରୁ ବାହାରିଥିବା ଶୋଭାଯାତ୍ରା।

**ନବରଙ୍ଗପୁର,୧୨।୨(ବି.ପ୍ର.)**

ନବରଙ୍ଗପୁର ଜିଲାକୁ ପଲିଥିନ ମୁକ୍ତ କରିବା ପାଇଁ ଉମରକୋଟ ଠାରେ ଏନଏଚଆରସିସି ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି । ଉମରକୋଟ ନୂଆବସଷ୍ଟାଣ୍ଡ ଠାରୁ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ନବରଙ୍ଗପୁର ଜିଲା ସମ୍ପୂର୍ଣ୍ଣ ପଲିଥିନ ମୁକ୍ତ କରିବା ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉମରକୋଟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏନଏଚଆରସିସି ପକ୍ଷରୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷା ରଞ୍ଜନା ବର୍ମା, ଆଦିବାସୀ ଜନଜାତି ଅଧିକାର ମଞ୍ଚ ଅଧ୍ୟକ୍ଷା ହାରାବତି ଗଣ୍ଡ, ବାବା ସାହେବ ଆମ୍ବେଦକର ବିଚାର ମଞ୍ଚର ସଭାପତି ଶରତ ପାଣିଗ୍ରାହୀ, ଏନଏଚଆରସିସି ଜିଲା ସଂଯୋଜିକା ବାଗମିତା ତ୍ରିପାଠୀ, ଏଚ.ଆର. ପରିକଳ୍ପନା ବାଗ, ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଛାତ୍ରୀଛାତ୍ର, ମା' ପେଣ୍ଡ୍ରାଣି, ଦଶଭୂଜା, ମାଣିକେଶ୍ୱରୀ, ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏନଏଚଆରସିସି ପିଆଇଓ କ୍ଷୀରସିନ୍ଧୁ ମାଝୀ, ଭବଦେବ ମାଝୀ, ଚନ୍ଦାହାଣ୍ଡିର ଜାଦବ ଗୋପାଳ, ଦେବରାଜ ଗୋପାଳ, ରୁପଧର ମାଝୀ, ସାମାଜିକ କର୍ମୀ ଗଣେଶ ସରକାର, ଲିଟୁ ପାତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପୌର ସଂସ୍ଥା ଅଧିନ ପୌର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୨ୟ ଦିନରେ

**ଗୁଣପୁର,୧୨।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ସୋମବାରଠାରୁ ଆରମ୍ଭ ହୋଇଥିବା ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି । ମଙ୍ଗଳବାର ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ରୀନା ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଦୁର୍ଗା ପ୍ରସାଦ ମଣିପାତ୍ର, ବିଜୟ ଗମାଙ୍ଗ, ଗଦାଧର ପଣ୍ଡା, ଗଣେଶ ପଣ୍ଡା, ଦେବୀ ଆଚାର୍ଯ୍ୟ, ଅକ୍ଷୟ ଶତପଥୀ, ସୀମା ପଟ୍ଟନାୟକଙ୍କ ସମେତ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ । ଜାତୀୟ ଆଇନ ପରିଷଦ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ କରିବା ସହ ଦାବିଗୁଡିକ ଯଥାର୍ଥ ବୋଲି ଗୁଣପୁର ଓକିଲ ସଂଘ ପକ୍ଷରୁ କୁହାଯାଇଛି ।

# ପୁଅର ଚିକିତ୍ସା ପାଇଁ ଜିଲାପାଳଙ୍କ ସହାୟତା ଲୋଡ଼ିଲେ ବାପା

**ନବରଙ୍ଗପୁର,୧୨।୨(ଡି.ଏନ.ଏ.)**

## ଅର୍ଥ ବାଧକ

ଏକ ମାତ୍ର ରୋଜଗାରିଆ ପୁଅର ରୋଜଗାର ଉପରେ ନିର୍ଭର କରିଥାନ୍ତି ପରିବାର ଲୋକେ। ତେବେ ଏକ ବିବାହ କାର୍ଯ୍ୟକ୍ରମରେ ବ୍ୟାଣ୍ଡପାର୍ଟି ସହ ଘରକୁ ଫେରୁଥିବା ବେଳେ ବାଟରେ ଅଟୋ ଓଲଟି ପଡିବାରୁ ପୁଅର ଅଣ୍ଟା ଭାଙ୍ଗି ଯାଇଥିଲା। ଅର୍ଥ ଅଭାବରୁ ଚିକିତ୍ସିତ ମଧ୍ୟ ହୋଇପାରୁ ନାହାନ୍ତି। ରୋଜଗାରିଆ ପୁଅର ଏପରି ଅବସ୍ଥା ଯୋଗୁ ପରିବାରରେ ଆର୍ଥିକ ସମସ୍ୟା ମଧ୍ୟ ଦେଖା ଦେଇଛି। ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ବାପା ନିକଲାସ ଆଶା ଜିଲାପାଳଙ୍କୁ ଜଣାଇଛନ୍ତି। କୋରାପୁଟ ଜିଲା କୋଟପାଡରେ ଏକ ବିବାହ କାର୍ଯ୍ୟକ୍ରମରେ ବ୍ୟାଣ୍ଡ ପାର୍ଟି ସହ ପ୍ରଭାକର ଆଶା ଯାଇଥିଲେ । ଏକ ଅଟୋରେ ଘରକୁ ଫେରିବା ସମୟରେ ଗାଡିଟି ଓଲଟି ପଡିବାରୁ ପ୍ରଭାକରଙ୍କ ଅଣ୍ଟା ଭାଙ୍ଗିଯାଇଥିଲା । ଦୁର୍ଘଟଣା ପରେ ନବରଙ୍ଗପୁର, କୋରାପୁଟ ଓ କଟକ ମେଡିକାଲ କଲେଜରେ ୧୫ ଦିନ ଚିକିତ୍ସା ହୋଇ ଘରକୁ ଫେରିଥିଲେ । ସେଠାରେ ଡାକ୍ତର ଅସ୍ତ୍ରୋପଚାର କରିବାକୁ କହିଥିଲେ। ଏଥିପାଇଁ ୨ ଲକ୍ଷ ୫୦ ହଜାରଟଙ୍କା ଖର୍ଚ୍ଚ ହେବ ପରାମର୍ଶ ଦେଇଥିଲେ। ଅର୍ଥ ଅଭାବରୁ ପ୍ରଭାକର ଅସ୍ତ୍ରୋପଚାର କରି ପାରି ନ ଥିଲେ। ଦୀର୍ଘ ୨ ବର୍ଷ ହେବ ସେ ଉଠି ପାରୁ ନାହାନ୍ତି। ଅଣ୍ଟାରୁ ଗୋଡ ପର୍ଯ୍ୟନ୍ତ ଅକାମୀ ହୋଇ ପଡିଛି । ସ୍ତ୍ରୀ ଓ ୨ ବର୍ଷର ଗୋଟିଏ ପୁଅ, ବାପା, ମାଆ ପ୍ରଭାକରଙ୍କ ରୋଜଗାର ଉପରେ ନିର୍ଭର କରିଥାନ୍ତି। ଘରର ରୋଜଗାରିଆ ପୁଅର ଏଭଳି ଅବସ୍ଥା ଲାଗି ପରିବାର ଲୋକେ ବିଭିନ୍ନ ଆର୍ଥିକ ସମସ୍ୟାରେ ଭିତରେ ଗତି କରୁଛନ୍ତି । ପୁଅର ଅଧିକ ଚିକିତ୍ସା ପାଇଁ ଜିଲାପାଳଙ୍କ ନିକଟରେ ବାପା ନିକଲାସ ଆଶା ସହାୟତା ପାଇଁ ନିବେଦନ କରିଛନ୍ତି। ଅର୍ଥ ଅଭାବରୁ ପୁଅର ଅସ୍ତ୍ରୋପଚାର ହୋଇ ପାରୁ ନାହିଁ ଓ ଅଧିକ ଚିକିତ୍ସା ମଧ୍ୟ ହୋଇ ପାରୁ ନାହିଁ ବୋଲି ନିକଲାସ ଜିଲାପାଳଙ୍କ ଅଭଯୋଗ ପ୍ରକୋଷ୍ଠରେ କହିଛନ୍ତି।

# ପଥର ଫଟାଇବା ବେଳେ ବାପା, ପୁଅ ମୃତ

**ରାଇଘର,୧୨।୨(ଡି.ଏନ.ଏ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଟିମନପୁର ପଞ୍ଚାୟତର ବୁଡ୍ରାପାରା ନିକଟ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ପଥର ଖାଦାନରେ ସୋମବାର ପଥର ଫଟାଇବା ବେଳେ ଦୁର୍ଘଟଣା ଘଟି ବାପା ଓ ପୁଅର ମୃତ୍ୟୁ ଘଟିଛି। ବୁଡ୍ରାପାରା ଗ୍ରାମର ଭୀମସେନ ମାଝି (୩୨)ଙ୍କ ସୋମବାର ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ତାଙ୍କ ପୁଅ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଛି। ବୁଡ୍ରାପାରା ଗ୍ରାମର କିଛି ଗ୍ରାମବାସୀଙ୍କ ସହ ଭୀମସେନ ଓ ତାଙ୍କ ପୁଅ ଖଗେଶ୍ୱର ଏକ ପଥର କ୍ୱାରିରେ ସୋମବାର ପଥର ଫଟାଉଥିଲେ। ହଠାତ ଏକ ବିରାଟ ପଥର ଖସିଯିବା ଫଳରେ ଭୀମସେନ ଓ ଖଗେଶ୍ୱର ପଥର ତଳେ ଚାପି ହୋଇ ରହି ଯାଇଥିଲେ। ଉପସ୍ଥିତ ଗ୍ରାମବାସୀ ପଥରକୁ ଉଠାଇ ବାପା ପୁଅକୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଭୀମସେନଙ୍କ ମୃତ୍ୟୁ ଘଟିଥଲା। ଖଗେଶ୍ୱରଙ୍କ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ବ୍ରହ୍ମପୁର ମେଡିକାଲାନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ।। ବ୍ରହ୍ମପୁର ନେବା ବେଳେ ରାସ୍ତାରେ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# କଂସ ଦରବାରରେ ହାଜର ହେଲେ ମନ୍ତ୍ରୀ

**ଚନ୍ଦାହାଣ୍ଡି,୧୨।୨(ଡି.ଏନ୍.ଏ.)**

## ଧନୁଯାତ୍ରା ମହୋତ୍ସବ

- ଲୋକଙ୍କ ଅଭିଯୋଗ ସମ୍ପର୍କରେ ମନ୍ତ୍ରୀଙ୍କୁ ଜଣାଇଲେ କଂସ ମହାରାଜ
- ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦର ମହକୁମାରେ ଦୀର୍ଘ୧୧ ଦିନ ଧରି ଧନୁଯାତ୍ରା ମହୋତ୍ସବ କରାଯାଉଛି । ଏକ ଖୋଲା ରଙ୍ଗମଞ୍ଚରେ ବିଭିନ୍ନ ପୌରାଣିକ କଥାବସ୍ତୁ ଉପରେ ନାଟକ ପରିବେଷଣ କରାଯାଉଛି । କୃଷ୍ଣ ଜନ୍ମ ହୋଇ ସାରିଥିବା ବେଳେ ତାଙ୍କୁ ମାରିବାକୁ କଂସ ମହାରାଜା ବିଭିନ୍ନ ଉପାୟ ଅବଲମ୍ବନ କରି ଅସୁରମାନଙ୍କୁ ପ୍ରେରଣ କରୁଥିବା ମଞ୍ଚରେ ଅଭିନୟ କରାଯାଉଛି । ଏହା ସହିତ କଂସ ମହାରାଜ ଦିନରେ ବିଭିନ୍ନ କାର୍ଯ୍ୟାଳୟ ବୁଲି ସରକାରୀ କର୍ମଚାରୀମାନଙ୍କୁ ଯୋଜନା ଉପରେ ପଚାରି ବୁଝିବା ସହ ଜନସାଧାରଣ ତାର ସୁଫଳ ପାଉଛନ୍ତି ନାହିଁ ପଚାରି ବୁଝୁଛନ୍ତି । ବିଭିନ୍ନ ଅଭିଯୋଗ ପାଇବା ପରେ ତାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଉଛନ୍ତି । ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରୁଥିବାରୁ ଏହି ମହୋତ୍ସବ ଦେଖିବା ପାଇଁ ଜନସାଧାରଣଙ୍କ ପ୍ରବଳ ଗହଳି ଲାଗି ରହୁଛି । ପ୍ରତ୍ୟେକ ରାତିରେ ବିଭିନ୍ନ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ଡାକି ତାଙ୍କ ସହ ଆଲୋଚନା କରୁଛନ୍ତି । ସୋମବାର ରାତିରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ, ପଞ୍ଚାୟତିରାଜ, ପାନୀୟଜଳ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କୁ ଦରବାରକୁ କଂସ ଡକାଇଥିଲେ । ମନ୍ତ୍ରୀ ପହଞ୍ଚିବା ପରେ କଂସ ମହାରାଜ ଜନସାଧାରଣ କରିଥିବା ଅଭିଯୋଗ ମନ୍ତ୍ରୀଙ୍କୁ କହିଥିଲେ । ଚନ୍ଦାହାଣ୍ଡିରେ ଷ୍ଟେଟ୍ ବ୍ୟାଙ୍କ ନ ଥିବା ଯୋଗୁ ଜନସାଧାରଣ ହଇରାଣ ହେଉଥିବା ବିଭିନ୍ନ ଗ୍ରାମଗୁଡିକର ରାସ୍ତା ଡ୍ରେନ୍ ସମସ୍ୟା କହିଥିଲେ । ଏହାର ଉତ୍ତରରେ ମନ୍ତ୍ରୀ ମାଝି ଚନ୍ଦାହାଣ୍ଡିରେ ଷ୍ଟେଟ୍‌ବ୍ୟାଙ୍କ ଶାଖା ଖୋଲିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖିଥିବା ଏବଂ ଧୀରେ ଧୀରେ ପ୍ରତ୍ୟେକ ଗ୍ରାମର ଡ୍ରେନ୍ ଏବଂ ରାସ୍ତା ସମସ୍ୟା ସୁଧରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଚନ୍ଦାହାଣ୍ଡିରେ ଏକ ଖୋଲାରଙ୍ଗମଞ୍ଚ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଥିବାରୁ କଳାକାରମାନଙ୍କୁ ପ୍ରଶଂସା କରି ମାନପତ୍ର ପ୍ରଦାନ କରିଥିଲେ। ଏବଂ ଆୟୋଜକମାନଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଶାନ୍ତ ପାରୀ, ରତ୍ନାକର ପୂଜାରୀ, ସୁଜିତ କୁମାର ଦଣ୍ଡସେନା, କୃଷ୍ଣ ପୂଜାରୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଅତିଥି ଭାବେ ଯୁବନେତା ଇଂ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ ବିଜେଡି ସଭାପତି ଗୌରହରି ନାୟକ ପ୍ରମୁଖ ଯୋଗଦେଇଥିଲେ ।


ମଞ୍ଚରେ କଂସ ମହରାଜ, ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ସହ ଅନ୍ୟମାନେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଫେବୃୟାରୀ ୧୩ /୨୦୧୯ Rayagada, Wednesday, February. 13 / 2019

## ସଂକ୍ଷେପରେ

### ବୃଦ୍ଧାଙ୍କ ଗୋଡ଼ରେ ଚଢ଼ିଗଲା ବସ୍

**ବୈପାରୀଗୁଡ଼ା,୧୨।୨(ଡି.ଏନ୍.ଏ.):** ବୈପାରୀଗୁଡ଼ା ବ୍ଲକ କୋଲାର ପଞ୍ଚାୟତରେ ମଙ୍ଗଳବାର ପିଠା କାର୍ଯ୍ୟକ୍ରମରେ ଯୋଗଦେଇ ଭତ୍ତା ନେବାକୁ ଆସିଥିବା ଖୁଡିଗୁଡ଼ା ଗ୍ରାମର ବୃଦ୍ଧା କୁସୁମା ସୁଆବି (୭୦) ବସ୍ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଟାଙ୍ଗିଣିଗୁଡ଼ା ହାଟପଦା ନିକଟରେ ରାସ୍ତା ପାରହେବା ସମୟରେ ଚିତ୍ରକୋଣ୍ଡାରୁ କଟକ ଆସୁଥିବା ସରକାରୀ ବସ୍ (ଓଡି୦୨ ଏକେ ୮୧୨୧) ତାଙ୍କୁ ଧକ୍କା ଦେବା ଗୋଡ଼ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଲୋକେ ଜମା ହେବାରୁ ବସ୍ ଚାଳକ ଗାଡ଼ି ଅଟକାଇ ନଥିଲେ। ପରେ ବୈପାରୀଗୁଡ଼ା ପୋଲିସ୍ ଖବର ପାଇ ବସ୍ ଜବତ କରିବା ସହ ଚାଳକ ଓ କଣ୍ଡକ୍ଟରଙ୍କୁ ଅଟକ ରଖିଛି। ଆହତ କୁସୁମାଙ୍କୁ ପ୍ରଥମେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ବିଜ୍ଞାନମେଳାରେ ୧୮ ପ୍ରକଳ୍ପ ପ୍ରଦର୍ଶିତ



**ଜୟପୁର,୧୨।୨(ଡି.ଏନ୍.ଏ.):** ଜୟପୁର ସହରସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାସନାଲ ସ୍କୁଲରେ ଆୟୋଜିତ ବିଜ୍ଞାନମେଳାରେ ୩୬ ଜଣ ଛାତ୍ରୀଛାତ୍ର ପ୍ରସ୍ତୁତ କରିଥିବା ୧୮ଟି ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ଏଥିରେ ବାୟୁରେ ଅମ୍ଳଜାନ, ଶରୀରର ପାଚକ କ୍ରିୟା, ସୌରଶକ୍ତି, ବାୟୁର ଚାପ, ଜଳ ପ୍ରଦୂଷଣ, ପାଣିଚକ୍ର, ସମତୁଲ ଖାଦ୍ୟ ଏବଂ ରୋଗ, ବ୍ୟାଟେରି ଏବଂ ଆଳୁରେ ବଲ୍‌ବ ଜଳିବା ଭଳି ପ୍ରକଳ୍ପ ସାମିଲ ଥିଲା। ପ୍ରକଳ୍ପ ପ୍ରଦର୍ଶନ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଅଧକ୍ଷ ବିଶ୍ୱରଞ୍ଜନ ସାହୁ ମାନପତ୍ର ପ୍ରଦାନ ସହ ସହିତ ପୁରସ୍କୃତ କରିଥିଲେ।

### ଚାଷଜମିରୁ ଅଜଣା ମୃତଦେହ ଉଦ୍ଧାର

**କୁନ୍ଦୁରା, ୧୨।୨(ଡି.ଏନ୍.ଏ.):** କୁନ୍ଦୁରା ବ୍ଲକ ମଶିଗାଁ ପଞ୍ଚାୟତ କୁଲ୍‌ମୁଲି ଗ୍ରାମ ନିକଟ ଏକ ଚାଷଜମିରୁ ମଙ୍ଗଳବାର ବୈପାରୀଗୁଡ଼ା ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ସକାଳ ୧୦ଟାରେ କୁଲ୍‌ମୁଲି ଗ୍ରାମର କିଛି ଚାଷୀ ମୃତଦେହକୁ ଦେଖି ସରପଞ୍ଚ ଶ୍ୟାମସୁନ୍ଦର ପୁଜାରୀଙ୍କୁ ଖବର ଦେଇଥିଲେ। ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ମୃତକ ଜଣଙ୍କ କିଛିଦିନ ହେବ ଗାଁ ନିକଟରେ ପାଗଳଙ୍କ ଭଳି ବୁଲୁଥିଲେ ବୋଲି ସରପଞ୍ଚ କହିଛନ୍ତି।

### ଗ୍ରାମାଞ୍ଚଳରେ ବିକାଶ ସମ୍ପର୍କିତ ଆଲୋଚନାଚକ୍ର

**ପଟ୍ଟାଙ୍ଗି,୧୨।୨(ଡି.ଏନ୍.ଏ.):** ପଟ୍ଟାଙ୍ଗିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରସ୍ତୁତି' ଓ ଉପାନ୍ତ ଲୋକ ସଙ୍ଗଠନ ମିଳିତ ସହଯୋଗରେ ଗଣମାଧମ ପ୍ରତିନିଧି ଓ ଗ୍ରାମାଞ୍ଚଳର ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଏଥିରେ ଜଙ୍ଗଲ ଜମି, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶିକ୍ଷା ଅଧିକାର, ସ୍ୱାସ୍ଥ୍ୟସେବା, କୃଷି, ଉଦ୍ୟାନ ମିଶନ ବିଷୟବସ୍ତୁ ଉପରେ 'ପ୍ରସ୍ତୁତି' ସମ୍ପାଦକ ସୁଶାନ୍ତ ବଳବନ୍ତରାଏ ଆଲୋଚନା କରିଥିଲେ। ଚନ୍ଦକା ପଞ୍ଚାୟତରେ ୧୪ ଲକ୍ଷ ବ୍ୟୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ହୋଇଥିଲେ ମଧ ତାହା ୩ ବର୍ଷରୁ ଅଧିକ ହେଲା କାର୍ଯ୍ୟକାରୀ ହେଉନାହିଁ। ଫଳରେ ଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ସେହିପରି ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ୬ରୁ ୧୪ ବର୍ଷର ସମସ୍ତ ପିଲାଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା ଥିଲେ ବି ଉକ୍ତ ପଞ୍ଚାୟତର ୧୬ଟି ବିଦ୍ୟାଳୟ ଠିକ ସମୟରେ ଖୋଲାଯାଉ ନ ଥିବାରୁ ଶିକ୍ଷା ବ୍ୟବସ୍ଥାରୁ ପିଲା ବଞ୍ଚିତ ରହିଛନ୍ତି। ଅନୁଷ୍ଠାନ ବ୍ଲକ ସଂଯୋଜକ ପ୍ରତାପ ଆଚାର୍ଯ୍ୟ, ସୁସ୍ମିତା ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଧ୍ୟାହ୍ନଭୋଜନରେ ପୋକ, ଗୋଡ଼ି

**ଜୟପୁର/ଫାମ୍ପୁଣି/କୋରାପୁଟ, ୧୨।୨(ଡି.ଏନ୍.ଏ./ସ୍ୱ.ପ୍ର.)**

କୋରାପୁଟ ଜିଲା ଜୟପୁର ପୌରାଞ୍ଚଳ ଏବଂ ବ୍ଲକର ଦୁଇଟି ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଭାତରୁ ଗୋଡ଼ି ଏବଂ ତରକାରୀରେ ପଡ଼ିଥିବା ସୋୟାବିନ ବଡିରୁ ପୋକ ବାହାରିଛି। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ।

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ପୂର୍ବାହ୍ନରେ ଘରୋଇ ଠିକାସଂସ୍ଥା ରଣ୍ଡାପାଲି ଗ୍ରାମ କେନ୍ଦ୍ରିୟ ରୋଷେଇଶାଳରୁ ପ୍ରସ୍ତୁତ ଭାତ ଓ ତରକାରୀ ଜୟପୁର ପୌରାଞ୍ଚଳ ଓ ବ୍ଲକର ସମସ୍ତ ବିଦ୍ୟାଳୟକୁ ଯୋଗାଣ ହୋଇଥିଲା। କିନ୍ତୁ ଜୟପୁର ପୌରାଞ୍ଚଳର ଜୟନଗର ପାଇକସାହି ପ୍ରାଥମିକ ବିଦ୍ୟାଳୟରେ ତରକାରୀରୁ ପୋକ ବାହାରିଥିଲା। ସେହିପରି ବ୍ଲକର ଫାମ୍ପୁଣି ପଞ୍ଚାୟତ ସଦର ଉନ୍ନୀତ ମଧଇଂରାଜୀ ବିଦ୍ୟାଳୟରେ ଭାତରୁ ଗୋଡ଼ି ଓ ତରକାରୀରୁ ପୋକ ବାହାରିଥିଲା। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଚଳର ସିଆରସିସିଙ୍କୁ ଅବଗତ କରାଇଥିଲେ। ଘଟଣାସ୍ଥଳରେ ସିଆରସିସିମାନେ ପହଞ୍ଚି ତଦନ୍ତ କରିବା ପରେ ବିଇଓଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ବିଇଓ ସରୋଜିନୀ ଦଣ୍ଡସେନା କହିଛନ୍ତି ଯେ, ଏନେଇ ସଂପୃକ୍ତ ପ୍ରସ୍ତୁତକର୍ତ୍ତା କେନ୍ଦ୍ରିୟ ରୋଷେଇଶାଳାର ମ୍ୟାନେଜରଙ୍କୁ ଅବଗତ କରାଯାଇଛି । ପଦକ୍ଷେପ ନହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ତାଗିଦ୍ କରାଯାଇଛି। କେନ୍ଦ୍ରିୟ ରୋଷେଇଶାଳାରୁ ଜୟପୁର ପୌରାଞ୍ଚଳର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୨୦୧୬ରୁ ପ୍ରସ୍ତୁତ ମଧ୍ୟାହ୍ନଭୋଜନ ଖାଦ୍ୟ ଯୋଗାଣ ଆରମ୍ଭ ହୋଇଥିଲା। ସେହିପରି ଗତ ୭ରୁ ବ୍ଲକର ସମସ୍ତ ବିଦ୍ୟାଳୟକୁ ଏହି ରୋଷେଇଶାଳାରୁ ପ୍ରସ୍ତୁତ ଖାଦ୍ୟ ଯୋଗାଣ ଆରମ୍ଭ ହୋଇଛି। କୋରାପୁଟ ଜିଲା ସହରାଞ୍ଚଳ ସ୍କୁଲରେ ପିପିପି ମୋଡରେ ଜୟପୁରସ୍ଥିତ କେନ୍ଦ୍ରୀୟ ରୋଷେୟଶାଳାରୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। କୋରାପୁଟ ପୌରାଞ୍ଚଳ ୨୮ଟି ସ୍କୁଲର ୩୭୫୧ ପିଲାଙ୍କ ପାଇଁ ଉପରୋକ୍ତ ସଂସ୍ଥା ମଧ୍ୟାହ୍ନ ଭୋଜନ ଯୋଗାଉଛି।



ସେମିଳିଗୁଡ଼ା ସମାବେଶରେ ସାମିଲ ହୋଇଥିବା ଗ୍ରାମବାସୀ।

## ହିନ୍ଦୁ ସମାବେଶ: ଦିକ୍ଷିତ ହେଲେ ୨୨୦

**ସେମିଳିଗୁଡା, ୧୨।୨ (ସ୍ୱ.ପ୍ର.)**

ମାଘ ସପ୍ତମୀ ଅବସରରେ କୋରାପୁଟ ଜିଲା ସେମିଳିଗୁଡା ଉପଖଣ୍ଡସ୍ଥିତ ସୁବାଇ ଜୈନ ମନ୍ଦିରରେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଏକ ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଛି। ସମାବେଶରେ ୨୨୦ଜଣ ଲୋକେ ହିନ୍ଦୁ ଧର୍ମରେ ମିଶିଥିଲେ। ଏଥିରେ ସ୍ଥାନୀୟ ଗୁଣ୍ଡାପୁଟ, ସୁବାଇ, ପିତାଗୁଡା ଓ ପାତ୍ରପୁଟ ପଞ୍ଚାୟତର ହିନ୍ଦୁ ପ୍ରେମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପିତାଗୁଡା ନଦୀରୁ ଏକ କଳସ ଶୋଭାଯାତ୍ରା ବାହାରିଥିଲା। ଏଥିରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। କଳସ ଶୋଭାଯାତ୍ରା ଜୈନ ମନ୍ଦିରରେ ପହଞ୍ଚିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଯଜ୍ଞ ସମାବେଶରେ ୨୦ ଟି କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇ ନାମ ସଂକୀର୍ତ୍ତନ କରିଥିଲେ। ପରେ ଏକ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଆଚାର୍ଯ୍ୟ ବିନୟ କୁମାର, ଆଚାର୍ଯ୍ୟ ଯୋଗି ରାଜ ସିଂ, ଆରଏସ୍‌ଏସ୍ କୋରାପୁଟ ବିଭାଗ ପ୍ରଚାରକ ସୁରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଗୁଣ୍ଡାପୁଟର ସୀମେନ୍ଦ୍ର ହନ୍ତାଳ, ଦୁଗୁରା ଗ୍ରାମର ଗୋପାଳ ଚନ୍ଦ୍ର ହନ୍ତାଳ, ମାଧବ ଜଲ, କୁରୁପତି ନାୟକ, ମଧୁସୂଦନ ନାୟକ, ନାରାୟଣ ପ୍ରଧାନି, ଦୟାନିଧି ପୂଜାରୀ, ପୂର୍ଣ୍ଣ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାଉଡିଆଗୁଡ଼ା ହାଇସ୍କୁଲ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**କୁନ୍ଦୁରା, ୧୨।୨(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକସ୍ଥିତ କାଉଡିଆଗୁଡ଼ା ଆବାସିକ ଉଚ୍ଚ ବିଦ୍ୟାଳୟ ଏକାଦଶତମ ବାର୍ଷିକୋତ୍ସବ ପାଳିତ ହୋଇଛି। କୁନ୍ଦୁରା ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ମୁଖ୍ୟ ଅତିଥି ଓ ସଂସ୍କୃତି ଗବେଷକ ରାଜେନ୍ଦ୍ର ପାଢି ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିନାଥ ସାନ୍ତ୍ରା, ଲ୍ୟାମ୍ପ୍‌ସ ସଭାପତି ମହେଶ୍ୱର ପେଣ୍ଡିଆ, ସିଆର୍‌ସିସି ଗଙ୍ଗାଧର ତ୍ରିପାଠୀ, ଜୋନ-କ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ମିନରବାଲିଆ ପ୍ରମୁଖ ଉପସ୍ଥିତ ଥିଲେ। କୁନ୍ଦୁରା ଭଳି ଏକ ଆଦିବାସୀ ଅଧୁଷିତ ଅଞ୍ଚଳରେ ପ୍ରତିଷ୍ଠିତ ଏହି ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ସାମିଲ ହୋଇ ସମ୍ମାନିତ ହୋଇଛନ୍ତି ବୋଲି ଅତିଥିମାନେ କହିଥିଲେ। ଏଭଳି ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ପାଇଁ ଦିଗ୍‌ଦର୍ଶନ ବୋଲି ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟ ଖେଳ ଶିକ୍ଷକ ବେଜ କୁମାର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଇଆର୍‌ବି ବାଟାଲିୟନରେ ରକ୍ତଦାନ ଶିବିର

**କୋରାପୁଟ,୧୨।୨(ସ୍ୱ.ପ୍ର.)**

କୋରାପୁଟସ୍ଥିତ ପ୍ରଥମ ଆଇଆରବି ବାଟାଲିୟନ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏଥିରେ ୭୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ହାତ ହରାଇଥିବା ବାଟାଲିୟନର ଯବାନ ସୁଭାଷ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଦୁର୍ଗପତି ମନୋରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ପ୍ରଥମେ ରକ୍ତଦାନ କରିଥିଲେ। ଏହି ଅବସରରେ ବାଟାଲିୟନର ସହକାରୀ ଦୁର୍ଗପତି ଭବାନି ସେଠ, ସୁଶାନ୍ତ ଦାସ, ବିଏସ୍‌ଏଫ୍‌ର ସହକାରୀ ଦୁର୍ଗପତି ଅରବିନ୍ଦ କୁମାର, ଡ. ମୃତ୍ୟୁଞ୍ଜୟ ଖଟେଇ ଉପସ୍ଥିତ ଥିଲେ। ଶିବିରୁ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କୋରାପୁଟ ବ୍ଲଡବ୍ୟାଙ୍କ ଡାକ୍ତର ରତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ବ୍ଲଡ୍‌ବ୍ୟାଙ୍କର କର୍ମଚାରୀ ସହଯୋଗ କରିଥିଲେ।



ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**ଦାମନଯୋଡ଼ି, ୧୨।୨(ସ୍ୱ.ପ୍ର.)**

ଦାମନଯୋଡି ସେକ୍ଟର-୩ ଅଷ୍ଟପ୍ରହର କମିଟି ପକ୍ଷରୁ ମାଉସୀ ମା' ମନ୍ଦିରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସୋମବାର ସନ୍ଧ୍ୟା ଅଧିବାସରେ ପ୍ରାୟ ୫୦ଜଣ ମହିଳା ଇଷ୍ଟଦେବୀ କଣ୍ଟା ବାଉଁଶୁଣୀଙ୍କଠାରୁ ଅଷ୍ଟ ପ୍ରହରୀ ମଣ୍ଡପ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରାରେ ବାହାରିଥିଲେ। ମଙ୍ଗଳବାର ସକାଳୁ ଆରମ୍ଭ ହୋଇଥିବା ନାମ ସଂକୀର୍ତ୍ତନରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବୃନ୍ଦାବତୀ ଦାସ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଅଭିମନ୍ୟୁ ପଣ୍ଡା ଓ ନୀଳାଞ୍ଚଳ ଦାଶ ଏଥିରେ ସହଯୋଗ କରିଥିଲେ। ରାଧାକୃଷ୍ଣ ମହାରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ଲକ୍ଷ୍ମୀ ନାରାୟଣ ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ମୁନି, ଅନାମ ଚରଣ ନାୟକ, କେ.ସି.ଦାସ, କୈଳାସ ମହାରଣା, ଡି.ଏନ୍ ମଲ୍ଲିକ, ଏ.ମହାକୁଡ, ପିକେ ପାତ୍ର, ଖଦାଳ ନାୟକ, ପି.କୁଣ୍ଡ ଓ ଦିନମଣି ବେହେରା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ହିମାଂଶୁ ଲାଲ୍ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

**କୋରାପୁଟ,୧୨।୨(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜର ନୂତନ ଡିଆଇଜି ଭାବେ ହିମାଂଶୁ ଲାଲ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାର ମଙ୍ଗଳବାର ଆଇପିଏସ୍ ଅଧିକାରୀଙ୍କ ସ୍ତରରେ ବଡ଼ଧରଣର ଅଦଳବଦଳ କରିଥିବା ବେଳେ ଏଥିରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ମଧ ବଦଳି ହୋଇଛି। ହିମାଂଶୁ ଲାଲ ୨୦୦୩ ବ୍ୟାଚର ଆଇପିଏସ୍ ଅଧିକାରୀ ହୋଇଥିବା ବେଳେ ସେ ପ୍ରଥମେ ମାଲକାନଗିରି ଜିଲାର ଏସ୍‌ଡିପିଓ ଭାବେ ଦାୟିତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟ ଦକ୍ଷତା ପାଇଁ ତାଙ୍କୁ ରାଷ୍ଟ୍ରପତି ପଦକ ମିଳିଥିଲା। ଅବିଭକ୍ତ କୋରାପୁଟ ଜିଲାର ଅଭିଜ୍ଞତା ପୂର୍ବରୁ ତାଙ୍କର ରହିଛି।

## ପୋଲିସର ଜନ ସମ୍ପର୍କ ଶିବିର

**ସେମିଳିଗୁଡା,୧୨।୨(ସ୍ୱପ୍ର)**

ସେମିଳିଗୁଡା ପାକଝୋଲା ପଞ୍ଚାୟତର ୮ଟି ଗାଁକୁ ନେଇ ପୋଲିସର ଏକ ଜନସମ୍ପର୍କ ଶିବିର ଏସ୍‌ପି ଡଃ.କନୱର ବିଶାଳ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଆରଆଇ ସୁବାସ ନାୟକ ମୁଖ୍ୟ ଅତିଥି, ସୁନାବେଡା ଏସ୍‌ଡିପିଓ ନିରଞ୍ଜନ ବେହେରା, ପାକଝୋଲା ପଞ୍ଚାୟତ ସମିତି ସଭ୍ୟ ସଦାଶିବ ବାରିକ, ନାଏବ ସରପଞ୍ଚ ସୁଜାତା ଦଳେଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପୋଲିସ ଓ ଜନତାଙ୍କ ମଧ୍ୟରେ ସଂପକ ନିବିଡ ରହିବା ଦରକାର ବୋଲି ମୁଖ୍ୟଅତିଥି କହିଥିଲେ। ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟ, ବନ୍ଧୁତା ଓ ମୈତ୍ରୀ ଭାବ ରହିବା ଆବଶ୍ୟକ ବୋଲି ଅନ୍ୟ ଅତିଥିମାନେ କହିଥିଲେ। ଡଃ. ସୁମିତ ରଞ୍ଜନ ପରିଡା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ଗ୍ରାମବାସୀଙ୍କୁ କମ୍ବଳ, ଜୋତା, ଛତା ଓ ପୋଷାକ ସହ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଦିଆଯାଇଥିଲା। ଗ୍ରାମର ପିଲାମାନଙ୍କୁ ନେଇ ଏକ ବନ୍ଧୁତାପୂର୍ଣ୍ଣ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ସେମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## ୪ ପର୍ଯ୍ୟଟକଙ୍କୁ ନିସ୍ତୁକ ପିଟିଲେ ଦୁର୍ବୃତ୍ତ

■ ଲୁଟିନେଲେ କାର୍, ସୁନା, ଟଙ୍କା, ଏଟିଏମ୍ କାର୍ଡ଼

**ଜୟପୁର,୧୨।୨(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ସଦର ଥାନା ଅଞ୍ଚଳରେ ଜଣେ ପର୍ଯ୍ୟଟକଙ୍କୁ ନିସ୍ତୁକ ମାଡ଼ମାରି ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି । ପୋଲିସ ଏନେଇ କେସ୍ ନଂ ୨୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ଛତିଶଗଡ଼ର ଘନଶ୍ୟାମ ଠାକୁରଙ୍କ ସହ ୪ ଜଣ ନବରଙ୍ଗପୁର ଜିଲା ଆସିଥିବା ବେଳେ ଗତ ୫ ତାରିଖ ଜୟପୁର ନିକଟସ୍ଥ କୋଲାବ ଡ୍ୟାମ ବୁଲିବା ପାଇଁ ଯାଇଥିଲେ। ସେହି ସମୟରେ ବାରିଣିପୁଟ ପଞ୍ଚାୟତ ବାଗ୍ରା ନିକଟରେ ଏମାନଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିବା ସହ ୭ ଜଣ ଦୁର୍ବୃତ୍ତ ସେମାନଙ୍କଠାରୁ କାର୍, ସୁନାଚେନ, ୧୦ ହଜାର ଟଙ୍କା ଓ ଏଟିଏମ କାର୍ଡ଼ ଛଡ଼ାଇ ନେଇଥିଲେ। ଲୁଟିଥିବା ଏଟିଏମ୍ କାର୍ଡ଼ରୁ ସେମାନେ ପରେ ୪୮ ହଜାର ଟଙ୍କା ଉଠାଇଥିବା ଘନଶ୍ୟାମ ଠାକୁର ସଦର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ସଦର ଥାନା ଅଧିକାରୀ କୈଳାସ ସେଠୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ କୋରାପୁଟବାସୀ



ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି କୋରାପୁଟବାସୀ।

**କୋରାପୁଟ,୧୨।୨(ସ୍ୱ.ପ୍ର.)**

ଗତ ୫ ତାରିଖ ଜୟପୁରରେ ଆୟୋଜିତ ବିଜୁ ଯୁବ ବାହିନୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲାର ଦଶମନ୍ତପୁର, ଲମତାପୁଟ ଓ କୋରାପୁଟ ବ୍ଲକ ଅଞ୍ଚଳ ପାଇଁ ୩ଟି ସେତୁ ଘୋଷଣା କରିଥିଲେ। ଏଥିପାଇଁ ଉପରୋକ୍ତ ୩ଟି ବ୍ଲକର ୩ଶହରୁ ଅଧିକ କୃଷକ ଓ ସାଧାରଣ ଜନତା ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲା ଦଶମନ୍ତପୁର ସହ ବୋରିଗୁମ୍ମା ତଥା ନବରଙ୍ଗପୁର ଜିଲାକୁ ସିଧାସଳଖ ସଂଯୋଗ ପାଇଁ ମୁରାନ ନଦୀରେ ଗୋଟିଏ ସେତୁ, କୋଲାବ ଜଳଭଣ୍ଡାର ବିଚ୍ଛିନ୍ନାଞ୍ଚଳ କୋରାପୁଟ ବ୍ଲକର ସ୍କୁଲୁ ସହ ଲମତାପୁଟ ବ୍ଲକକୁ ସଂଯୋଗ ପାଇଁ ଦୁଇଟି ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କୋରାପୁଟ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ କୋରାପୁଟ ଏମ୍‌ପି ଝିନ୍ନ ହିକକା, କ୍ରିଟ୍ ଅଧକ୍ଷ ଅଶୋକ ପାଙ୍ଗି, ଜିଲା ଉପସଭାପତି ତଥା ପୂର୍ବତନ ବିଧାୟକ ରଘୁରାମ ପଡାଲ, ତ୍ରିପୁରାରୀ ଗରଡ଼ା, ବିରେନ ବିଶୋଇ, ବିନୋଦ ନାୟକ, ଲଲାଟ ରଞ୍ଜନ ସେଠୀ, ରଘୁରାମ ମାଛ, କୋଟପାଡ଼ ଲ୍ୟାମ୍ପସ ନିର୍ଦ୍ଦେଶକ ରଞ୍ଜିତ ପାତ୍ର, ଲମତାପୁଟର ପର୍ଯ୍ୟବେକ୍ଷକ ଖାଦର ବେଗ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି କୃତଜ୍ଞତା ଜଣାଇବା ସହ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ କୋରାପୁଟ ଜିଲାର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ଥିଲେ।

## ସୁଦିପ୍ତ ଦାସ କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ

**କୋରାପୁଟ,୧୨।୨(ସ୍ୱ.ପ୍ର.)**

କୋରାପୁଟର ନୂତନ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଭାବେ ସୁଦିପ୍ତ ଦାସଙ୍କୁ ବଦଳି କରାଯାଇଛି । ମଙ୍ଗଳବାର ରାଜ୍ୟ ସରକାର ଜଙ୍ଗଲ ଓ ପରିବେଶ ବିଭାଗର ପତ୍ରସଂଖ୍ୟା ୩୦୪୩ / ୧୧-୨-୨୦୧୯ ଅନୁଯାୟୀ ଦାସଙ୍କୁ କୋରାପୁଟ ବଦଳି କରାଯାଇଛି । ଭୁବନେଶ୍ୱରରେ ବନ ବିଭାଗ କ୍ୟାମ୍ପର ସିଏଫ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଏବେ ତାଙ୍କୁ କୋରାପୁଟର ନୂତନ ଆରସିସିଏଫ୍ ଭାବେ ବଦଳି କରାଯାଇଛି।

# ୧୫ ଦିନରେ ଜମିପଟ୍ଟା ନ ଦେଲେ ଆନ୍ଦୋଳନ

**ଜୟପୁର,୧୨।୨(ଡି.ଏନ୍.ଏ./ନି.ପ୍ର.)**

କୋରାପୁଟ ଜିଲାରେ ଗ୍ରାମକଣ୍ଠ ପରମବକ ଜମିରେ ବସବାସ କରୁଥିବା ବାସିନ୍ଦାଙ୍କୁ ଘରବାରି ଜମିପଟ୍ଟା ପ୍ରଦାନ କରାଯିବା ସହ ଏଥିରୁ 'ହସ୍ତାନ୍ତର ଯୋଗ୍ୟ ନୁହେଁ' ବ୍ୟବସ୍ଥା ଉଚ୍ଛେଦ ଦାବି ହୋଇଛି। ରାଜସ୍ୱ ବିଭାଗ ଏହାର ସମସ୍ତ ରିପୋର୍ଟ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଦୀର୍ଘ ୨ ମାସ ହେଲାଣି କୌଣସି ପଦକ୍ଷେପ ହୋଇନାହିଁ। ୧୫ ଦିନ ଭିତରେ ଆବେଦନକାରୀ ବ୍ୟକ୍ତିଙ୍କୁ ତୁରନ୍ତ ଘରବାରି ପଟ୍ଟା ଦିଆ ନଗଲେ ଆନ୍ଦୋଳନ କରାଯିବ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି ଚେତାବନୀ ଦେଇଛନ୍ତି ।

କଂଗ୍ରେସ ଭବନରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ବାହିନୀପତି କହିଛନ୍ତି ଯେ, ବିଧାନସଭାରେ ଏନେଇ ସେ ନିଜେ ଦାବି କରିଥିବା ବେଳେ ଶାସକ ଓ ବିରୋଧୀ ଦଳର ବିଧାୟକମାନେ ତାଙ୍କର ଦାବିକୁ ସମର୍ଥନ ଜଣାଇଛନ୍ତି। ରାଜସ୍ୱ ମନ୍ତ୍ରୀ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେବା ପରେ ଗତ ଡିସେମ୍ବର ୨୧ରେ ଜିଲାପାଳମାନଙ୍କୁ ବିଭାଗୀୟ ସଚିବ ସି.ଏସ. କୁମାର ଫେବୃୟାରୀ ୫ ସୁଦ୍ଧା ପଦକ୍ଷପ ନେବା ପାଇଁ ଚିଠି କରିଥିଲେ। କିନ୍ତୁ କୋରାପୁଟ ଜିଲା ପ୍ରଶାସନ ଏଯାବତ୍ କୌଣସି ପଦକ୍ଷେପ ନେଇ ନଥିବା ବିଧାୟକ ବାହିନୀପତି ଅଭିଯୋଗ କରିଛନ୍ତି। ସମ୍ମିଳନୀରେ କଂଗ୍ରେସ ଦଳର ବରିଷ୍ଠ ନେତା ନରେନ୍ଦ୍ର ମହାନ୍ତି, ନିହାର ବିଶୋୟୀ, ଅଜିତ ସାମନ୍ତରାୟ, କାନ୍ତ ପାଢ଼ୀ, ବସନ୍ତ ନାୟକ ଉପସ୍ଥିତ ଥିଲେ।

### ଖବରଦାତା ସମ୍ମିଳନୀରେ ତାରାଙ୍କ ଚେତାବନୀ



ଖବରଦାତା ସମ୍ମିଳନୀରେ ତାରାପ୍ରସାଦ ବାହିନୀପତି ଓ କଂଗ୍ରେସର ଅନ୍ୟ ନେତୃବୃନ୍ଦ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୨ୟ ଦିନରେ

**ଗୁଣପୁର,୧୨।୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ସୋମବାରଠାରୁ ଆରମ୍ଭ ହୋଇଥିବା ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୨ୟ ଦିନରେ ପହଁଞ୍ଚିଛି । ମଙ୍ଗଳବାର ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ରୀନା ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଦୁର୍ଗା ପ୍ରସାଦ ମଣିପାତ୍ର, ବିଜୟ ଗମାଙ୍ଗ, ଗଦାଧର ପଣ୍ଡା, ଗଣେଶ ପଣ୍ଡା, ଦେବୀ ଆଚାର୍ଯ୍ୟ, ଅକ୍ଷୟ ଶତପଥୀ, ସୀମା ପଟ୍ଟନାୟକଙ୍କ ସମେତ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ । ଜାତୀୟ ଆଇନ ପରିଷଦ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ କରିବା ସହ ଦାବିଗୁଡିକ ଯଥାର୍ଥ ବୋଲି ଗୁଣପୁର ଓକିଲ ସଂଘ ପକ୍ଷରୁ କୁହାଯାଇଛି।

### ଆଜିଠୁ ଆଦିବାସୀ ସାଂସ୍କୃତିକ ସନ୍ଧ୍ୟା

**ଗୁଣପୁର,୧୨।୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ନୂତନ ବସଷ୍ଟାଣ୍ଡ ସ୍ଥିତ ଚଇତି ସାଂସ୍କୃତିକ ମଣ୍ଡପରେ ବୁଧବାର ସନ୍ଧ୍ୟାରେ ଆଦିବାସୀ କଳାକୃତି, ଭାଷା, ଲିପି ଏବଂ ସଂସ୍କୃତିକୁ ନେଇ ସାଂସ୍କୃତିକ ସଂଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅଲ ଓଡଶା ଆଦାବାସୀ ଫୋରମ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ରାଜ୍ୟ ସଂପାଦକ କାଦେୟ ସରେନ ପ୍ରକାଶ କରିଛନ୍ତି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ ବୋଲି କୁହାଯାଇଛି ।

### ଭାଜପା ଶକ୍ତି କେନ୍ଦ୍ରର ବୈଠକ



**ନବରଙ୍ଗପୁର,୧୨।୨(ବି.ପ୍ର.):** ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଭାଜପା କାର୍ଯ୍ୟାଳୟ ଠାରେ ବଡମସିଗାଁ ଓ ବିକ୍ରମପୁର ଶକ୍ତି କେନ୍ଦ୍ରର ଏକବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲା ସାଧାରଣ ସମ୍ପାଦକ ଜଗଦିଶ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିକ୍ରମପୁର ମଣ୍ଡଳ ସଭାପତି କାଶିନାଥ ଦାଶ, ବଡମସିଗାଁ ମଣ୍ଡଳ ସଭାପତି ସୁତମ ଭତ୍ରା, ସାଧାରଣ ସମ୍ପାଦକ ଭୀମ ସମରଥ, ଶକ୍ତି କେନ୍ଦ୍ର ପ୍ରମୁଖ ସନ୍ତୋଷ ଭତ୍ରା, ଅଗ୍ନିପୁର ଗାଁର ଅର୍ଜୁନ ସମରଥ,ବାଘସିଉନି ଗାଁର ପ୍ରହ୍ଲାଦ ନାୟକ, ବଡକୁମୁଲିର ହସ୍ୟ ନାୟକ, ମନ୍ତ୍ରୀଗୁଡାର ଭୀମ ବିଷୋୟୀ, ତାରାଗାଁର ପଦ୍ମନ ବିଷୋୟୀ, ପୂଜାରିଗୁଡା ଗାଁର ପର୍ଶୁରାମ ସାହାଣୀ, ସିନ୍ଧିଗାଁର ବଂଶିଧର ଥାଟ ମାଝୀ, ବଡମସିଗାଁର ପଦ୍ମନ ପୂଜାରୀ, ବାସିନି ଗାଁର ପରମାନନ୍ଦ ଭତ୍ରା, ବାସୁଦେବ ଭତ୍ରା, ସାନ ମସିଗାଁର ମନ ପୂଜାରୀ, ଇଶ୍ୱର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ଭୋଟର କିଭଳି ଭାଜପା ପ୍ରତି ଆକୃଷ୍ଟ ହେବେ । କେନ୍ଦ୍ର ସରକାରଙ୍କ ଜନଜୀତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଏବଂ ଭାଜପାର ଆଗାମୀ କାର୍ଯ୍ୟକ୍ରମ ପନ୍ଥା ଉପରେ ଆଲୋଚନା ହୋଇଥିଲା ।

# ବିବାଦୀୟ ହୋଇପଡୁଛନ୍ତି ଜିଲାପାଳ

**ଗୁଣପୁର,୧୨।୨(ଡି.ଏନ.ଏ)**

**ରାୟଗଡ଼ା ଜିଲା**

କିଛି ବର୍ଷ ହେବ ରାୟଗଡା ଜିଲାପାଳ ପଦ ସତେ ଯେମିତି ଅଭିଶପ୍ତ ପାଲଟିଛି । ଗତ କିଛି ବର୍ଷର ଜିଲାପାଳମାନଙ୍କର କାର୍ଯ୍ୟକାଳକୁ ଅନୁଶୀଳନ କରାଗଲେ ତାହାହିଁ ଦେଖିବାକୁ ମିଳିଛି । କୌଣସି ନା କୌଣସି କାରଣରୁ ଜିଲାପାଳମାନେ ଏଠାରୁ ବିବାଦୀୟ ସ୍ଥିତିରେ ବିଦା ହୋଇଛନ୍ତି । ଫଳରେ ସେମାନଙ୍କ କାର୍ଯ୍ୟ ପ୍ରଣାଳୀକୁ ନେଇ ଉଠିଛି ପ୍ରଶ୍ନବାଚୀ ।

୨ ବର୍ଷ ୯ ମାସ କାର୍ଯ୍ୟ କରିବା ପରେ ଜିଲାପାଳ ଗୁହା ପୁନମ ତାପସ କୁମାର ଏଠାରୁ ବଦଳି ହୋଇଛନ୍ତି। ତାଙ୍କୁ ଜଗତସିଂହପୁର ବଦଳି କରାଯାଇଥିବା ବେଳେ ବର୍ତ୍ତମାନ ନୂଆ ଜିଲାପାଳ ଭାବେ ସୋମବାର ପ୍ରମୋଦ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି । ଗୁହା ପୁନମଙ୍କ ଦେଢ ବର୍ଷ କାର୍ଯ୍ୟକାଳ ଭଲରେ କଟିଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ସେ ଅନେକ ପ୍ରସଙ୍ଗରେ ବିବାଦୀୟ ହୋଇପଡିଥିଲେ । ଗ୍ରାମୀଣଗୃହ ନିର୍ମାଣ ଯୋଜନା ହେଉ ବା ଦିବ୍ୟାଙ୍ଗଙ୍କୁ ଥଇଥାନର ବ୍ୟବସ୍ଥା ହେଉ ରାୟଗଡା ଜିଲା ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କାର ପାଇଥିଲେ ମଧ୍ୟ ପ୍ରକୃତ କ୍ଷେତ୍ରରେ ଏହାର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଅଭିଯୋଗ ହୋଇଥିଲା । ଅଧା ଗଢା ଆବାସ ଯୋଜନା ବା ଏମଜିଏନଆରଇଜିଏରେ ଶ୍ରମିକ ଟଙ୍କା ପାଇ ନ ଥିବା ଭଳି ଗହନ କଥାକୁ ବିଭିନ୍ନ ଗଣମାଧ୍ୟମ ପ୍ରକାଶ କରି ଜିଲାପାଳଙ୍କ ଆକ୍ରୋଶର ଶିକାର ହୋଇଥିଲେ । କେବଳ ଗଣମାଧ୍ୟମ ନୁହେଁ ରାଜନୈତିକ ନେତୃବୃନ୍ଦଙ୍କ ମଧ୍ୟରେ ମଧ୍ୟ ତାଙ୍କ ସହ ବିବାଦ ଦେଖାଦେଇଥିଲା । ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିଜେଡିର ପୂର୍ବତନ ଜିଲାସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟଙ୍କୁ ମଞ୍ଚରେ କହିବାକୁ ନ ଦେବା ଆଉ ଏକ ବିବାଦ ଯୋଡି ହୋଇଯାଇଥିଲା । ଏତିକି ନୁହେଁ ତାଙ୍କ କାର୍ଯ୍ୟକାଳ ସମୟରେ ୩ଟି ଲୋକମହୋତ୍ସବ ଚଇତିର ହିସାବ ନ ଦେବାକୁ ନେଇ ଜନ ଅସନ୍ତୋଷ ବଢିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୮ ଚଇତି ଉପଲକ୍ଷେ ହୋଇଥିବା ବେବି ଶୋରେ ବିଜେଡି ମହିଳା ନେତ୍ରୀ ଏବଂ ଲୋକସଭା ଏମପିଙ୍କ ଅପମାନକୁ ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା । ଜିଲାପାଳ ତାପସ କୁମାର ପ୍ରାୟ ଦେଢ ଘଣ୍ଟା ବିଳମ୍ବରେ କାର୍ଯ୍ୟକ୍ରମରେ ପହଁଞ୍ଚିବା ଦେଖି ଏମପି ଏବଂ ମହିଳା ନେତ୍ରୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଜିଲାପାଳଙ୍କ ଆକ୍ରୋଶର ଶିକାର ହୋଇଥିଲେ । ତାଠାରୁ ଆହୁରି ଜଘନ୍ୟ ସମସ୍ୟା ହେଲା ସାରା ଦେଶର ଭିଆଇପି ଏବଂ ଭିଭିଆଇପି ପ୍ରଥା ଲୋପ ପାଇଯାଇଥିବାବେଳେ ସେ ନିଜ ଗାଡିରେ ନାଲିବତି ବ୍ୟବହାର କରୁଥିବା ସମସ୍ତଙ୍କୁ ଚକିତ କରିଥିଲା । ବିବାଦୀୟ ସ୍ଥିତି ହେଉ ବା ନିର୍ବାଚନ ପୂର୍ବରୁ ସରକାରଙ୍କ ବଦଳି ପ୍ରକ୍ରିୟା ହେଉ ସେ ଏଠାରୁ ବଦଳି ହୋଇଛନ୍ତି । ସେହିପରି ୨୦୧୨ ଅଗଷ୍ଟରେ ଜିଲାପାଳ ଭାବେ ଡ.ଶଶିଭୂଷଣ ପାଢୀ ଦାୟିତ୍ୱ ଗ୍ରହଣ କରିଥିଲେ । ବିବାଦ ତାଙ୍କର ମଧ୍ୟ ପିଛା ଛାଡି ନ ଥିଲା । ଜିଲା ମଙ୍ଗଳ ଅଧିକାରୀ ଧନେଶ୍ୱର ପୃଷ୍ଟିଙ୍କ ଆତ୍ମହତ୍ୟା ଏବଂ ତାଙ୍କ ଘରୁ ମିଳିଥିବା ସୁଇସାଇଡ ନୋଟ ଯୋଗୁଁ ସାରା ଜିଲା ଅଶାନ୍ତ ହୋଇପଡିଥିଲା । ଫଳରେ ସରକାର ତାଙ୍କୁ ଏହି ଜିଲାରୁ ବଦଳି କରି ନେଇଥିଲେ । ତାଙ୍କ ସ୍ଥାନରେ ୨୦୧୫ ଫେବୃୟାରୀ ୨୧ ତାରିଖରେ ଜଗନ୍ନାଥ ମହାନ୍ତି ଜିଲାପାଳ ଦାୟିତ୍ୱ ତୁଲାଇଥିଲେ । ସେ ମଧ୍ୟ ବିବାଦରେ ଛନ୍ଦି ହୋଇପଡିଥିଲେ । ବିଧାନସଭା ଷ୍ଟାଣ୍ଡିଂ କମିଟିଙ୍କ ରାୟଗଡା ଗସ୍ତ ବେଳେ ଆଦିବାସୀ ଛାତ୍ରୀଙ୍କୁ ପାରମ୍ପରିକ ବେଶଭୂଷାରେ ସଜେଇ ନାଚଗୀତ କରି ସ୍ୱାଗତ କରିବା ଭଳି ବେଆଇନ କାର୍ଯ୍ୟ କରାଇବାକୁ ନେଇ ବିବାଦୀୟ ହୋଇ ପଡ଼ିଥିଲେ । ପରେ ଗୋ ସୁରକ୍ଷାକର୍ମୀ ତିର୍ଥ ସାହୁଙ୍କୁ ଗିରଫ, କେନ୍ଦ୍ରମନ୍ତ୍ରୀ ମାନେକାଗାନ୍ଧୀଙ୍କୁ ଅପମାନିତ କରିବା ଭଳି ସ୍ଥିତି ଉପୁଜିବା ପରେ ଜଗନ୍ନାଥ ମହାନ୍ତିଙ୍କୁ ମଧ୍ୟ ବିବାଦୀୟ ସ୍ଥିତିରେ ଏଠାରୁ ବଦଳି ହେବାକୁ ପଡିଥିଲା । ଶେଷରେ ସେ ମଧ୍ୟ ଏଠାରେ ୧୫ ମାସ ରହଣି କରି ବିବାଦୀୟ ହୋଇ ଏଠାରୁ ବଦଳି ହୋଇଯାଇଥିଲେ ।



ମନ୍ଦିର ପ୍ରତିଷ୍ଠା ଲାଗି ବାହାରିଥିବା ଶୋଭାଯାତ୍ରା ।




# ପୁଅର ଚିକିତ୍ସା ପାଇଁ ଜିଲାପାଳଙ୍କ ସହାୟତା ଲୋଡିଲେ ବାପା

**ନବରଙ୍ଗପୁର,୧୨।୨(ଡି.ଏନ.ଏ.)**

**ଅର୍ଥ ବାଧକ**

ଏକ ମାତ୍ର ରୋଜଗାରିଆ ପୁଅର ରୋଜଗାର ଉପରେ ନିର୍ଭର କରିଥାନ୍ତି ପରିବାର ଲୋକେ। ତେବେ ଏକ ବିବାହ କାର୍ଯ୍ୟକ୍ରମରେ ବ୍ୟାଣ୍ଡପାର୍ଟି ସହ ଘରକୁ ଫେରୁଥିବା ବେଳେ ବାଟରେ ଅଟୋ ଓଲଟି ପଡିବାରୁ ପୁଅର ଅଣ୍ଟା ଭାଙ୍ଗି ଯାଇଥିଲା। ଅର୍ଥ ଅଭାବରୁ ଚିକିତ୍ସିତ ମଧ ହୋଇପାରୁ ନାହାନ୍ତି। ରୋଜଗାରିଆ ପୁଅର ଏପରି ଅବସ୍ଥା ଯୋଗୁ ପରିବାରରେ ଆର୍ଥିକ ସମସ୍ୟା ମଧ ଦେଖା ଦେଇଛି। ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ବାପା ନିକଲାସ ଆଶା ଜିଲାପାଳଙ୍କୁ ଜଣାଇଛନ୍ତି। କୋରାପୁଟ ଜିଲା କୋଟପାଡରେ ଏକ ବିବାହ କାର୍ଯ୍ୟକ୍ରମରେ ବ୍ୟାଣ୍ଡ ପାର୍ଟି ସହ ପ୍ରଭାକର ଆଶା ଯାଇଥିଲେ । ଏକ ଅଟୋରେ ଘରକୁ ଫେରିବା ସମୟରେ ଗାଡିଟି ଓଲଟି ପଡିବାରୁ ପ୍ରଭାକରଙ୍କ ଅଣ୍ଟା ଭାଙ୍ଗିଯାଇଥିଲା । ଦୁର୍ଘଟଣା ପରେ ନବରଙ୍ଗପୁର, କୋରାପୁଟ ଓ କଟକ ମେଡିକାଲ କଲେଜରେ ୧୫ ଦିନ ଚିକିତ୍ସା ହୋଇ ଘରକୁ ଫେରିଥିଲେ । ସେଠାରେ ଡାକ୍ତର ଅସ୍ତ୍ରୋପଚାର କରିବାକୁ କହିଥିଲେ। ଏଥିପାଇଁ ୨ ଲକ୍ଷ ୫୦ ହଜାରଟଙ୍କା ଖର୍ଚ୍ଚ ହେବ ପରାମର୍ଶ ଦେଇଥିଲେ। ଅର୍ଥ ଅଭାବରୁ ପ୍ରଭାକର ଅସ୍ତ୍ରୋପଚାର କରି ପାରି ନ ଥିଲେ। ଦୀର୍ଘ ୨ ବର୍ଷ ହେବ ସେ ଉଠି ପାରୁ ନାହାନ୍ତି। ଅଣ୍ଟାରୁ ଗୋଡ ପର୍ଯ୍ୟନ୍ତ ଅକାମୀ ହୋଇ ପଡିଛି । ସ୍ତ୍ରୀ ଓ ୨ ବର୍ଷର ଗୋଟିଏ ପୁଅ, ବାପା, ମାଆ ପ୍ରଭାକରଙ୍କ ରୋଜଗାର ଉପରେ ନିର୍ଭର କରିଥାନ୍ତି। ଘରର ରୋଜଗାରିଆ ପୁଅର ଏଭଳି ଅବସ୍ଥା ଲାଗି ପରିବାର ଲୋକେ ବିଭିନ୍ନ ଆର୍ଥିକ ସମସ୍ୟାରେ ଭିତରେ ଗତି କରୁଛନ୍ତି । ପୁଅର ଅଧିକ ଚିକିତ୍ସା ପାଇଁ ଜିଲାପାଳଙ୍କ ନିକଟରେ ବାପା ନିକଲାସ ଆଶା ସହାୟତା ପାଇଁ ନିବେଦନ କରିଛନ୍ତି। ଅର୍ଥ ଅଭାବରୁ ପୁଅର ଅସ୍ତ୍ରୋପଚାର ହୋଇ ପାରୁ ନାହିଁ ଓ ଅଧିକ ଚିକିତ୍ସା ମଧ ହୋଇ ପାରୁ ନାହିଁ ବୋଲି ନିକଲାସ ଜିଲାପାଳଙ୍କ ଅଭଯୋଗ ପ୍ରକୋଷ୍ଠରେ କହିଛନ୍ତି।

# ହନୁମାନ ମନ୍ଦିର ପ୍ରତିଷ୍ଠା ନେଇ କଳସଯାତ୍ରା

**ଗୁଣପୁର,୧୨।୨(ଡି.ଏନ.ଏ)**

ଗୁଣପୁର ସହର କତାଲୁଗୁଡାଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ନେଇ ମଙ୍ଗଳବାର ଗଙ୍ଗା ଆବାହନ ସହ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଂଶଧାରା ନଦୀ ତୀରରେ ଗଙ୍ଗା ପୂଜା ଯଥାରୀତି ଅନୁଯାୟୀ କରାଯିବା ପରେ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଏଥିରେ ବହୁ ସଂଖ୍ୟାରେ ମହିଳା ସହ ସାହିବାସିନ୍ଦା ସାମିଲ ହୋଇଥିଲେ । ସଂକୀର୍ତ୍ତନ ମଣ୍ଡଳୀ ସହ ହୁଳହୁଳି କାର୍ଯ୍ୟକ୍ରମ ଶୋଭାବର୍ଦ୍ଧନ କରିଥିଲା । ପୂଜକ ଭାବେ ନଳିନି ମହାନ୍ତି ଏବଂ କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ମିଶ୍ର, ଗୋବିନ୍ଦଚନ୍ଦ୍ର ଚୌଧୁରୀ, ମିନ କେତନ ପାଣିଗ୍ରାହୀ, ରମେଶ ମିଶ୍ର, କୁମାର ମିଶ୍ର ସଂପାଦନ କରିଥିଲେ । କୈଳାସ ମିଶ୍ର, ସାନ ବାଉରୀ, ସତ୍ୟ ମିଶ୍ର, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପି. ପ୍ରବୀଣାଙ୍କ ସମେତ ସାହିବାସିନ୍ଦା ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ୧୫ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଚାଲୁ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

# ଲକ୍ଷ୍ମୀପତ ସିଂଘାଣିଆ ସ୍କୁଲର ବାର୍ଷିକ ଉତ୍ସବ




ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ଜେକେପୁର, ୧୨।୨(ଡି.ଏନ୍.ଏ)**

ରାୟଗଡା ଜିଲା ଜେକେପୁରର ଲକ୍ଷ୍ମୀପତ ସିଂଘାଣିଆ ବିଦ୍ୟାଳୟର ୫୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଜେକେପେପର ମିଲ୍‌ର ମୁଖ୍ୟ ପବନ କୁମାର ସୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରିନ୍ସିପାଲ ଏମ୍.ନାଗେଶ୍ୱର ରାଓ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଯୁକ୍ତ୨ ଓ ଦଶମ ଶ୍ରେଣୀର ସୁପ୍ରିୟା ରାଏ ଏବଂ ଉଦୟ ଜୋଜ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଅତିଥିମାନେ ୫ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ । ଏହାକୁ ବିଦ୍ୟାଳୟର ପୁରାତନ ଛାତ୍ର ଦୁର୍ଗାପ୍ରସାଦ ରାଓ ଦେଇଥିଲେ । ଏଥିସହ ବିଦ୍ୟାଳୟରେ ୨୫ ବର୍ଷ କାଳ ଚାକିରି କରିଥିବା ଶିକ୍ଷୟିତ୍ରୀ ଏ.ବିଶାଲକ୍ଷ୍ମୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଅଧ୍ୟାପକ ବଦ୍ରିନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପି.ଭେଙ୍କଟେଶ୍ୱର ରାଓ, ପ୍ରଦୀପ ଚୌଧୁରୀ, ଶିକ୍ଷକ ଅରୁଣ କର, ମଲେଶ୍ୱର ରାଓ ପ୍ରମୁଖ ପରିଚାଳନା କରିଥିଲେ ।



2146.2018C

# ବାରଣ୍ଡାରେ ପଢୁଛନ୍ତି ପିଲା



ପିଲାମାନେ ବାରଣ୍ଡାରେ ବସି ପଢୁଛନ୍ତି ।

**ଟିକିରି, ୧୧।୨ (ଡି.ଏନ୍.ଏ.)**

କାଶୀପୁର ବ୍ଲକରେ ରହିଛି ଝିରିଗୁମ୍ଫା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ୨୦୦୬ ନଭେମ୍ବର ୨୭ ତାରିଖରେ ସ୍ଥାପିତ ଏହି ବିଦ୍ୟାଳୟରେ ୧୦୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ଶିକ୍ଷାଦାନ ପାଇଁ ୫ ଜଣ ଶିକ୍ଷକ ଅଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖାଦେଇଛି । ଏଠାରେ ପାଚେରି ନାହିଁ । ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ପିଲାମାନେ ବାରଣ୍ଡାରେ ବସି ପଢୁଛନ୍ତି। ସ୍କୁଲକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ବର୍ଷାଦିନେ ଉକ୍ତ ରାସ୍ତାରେ ଯିବା ଆସିବା କରିବାରେ ପିଲାମାନେ ବହୁ ଅସୁବିଧା ଭୋଗିଥାନ୍ତି । ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ଶିକ୍ଷକମାନେ କହିଛନ୍ତି । ରାଜ୍ୟ ସରକାର ଗରିବ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା ଏହାର ଠିକ୍ ଉପଯୋଗ ହୋଇପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ତେଣୁ ତୁରନ୍ତ ପାଚେରି ଓ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

